ଶାନ୍ତନୁ ଉପାଖ୍ୟାନ
ତହୁଂ ସେ କୁରୁ ବଂଶ ଜଗତେ ବିଖ୍ୟାତି
କୁରୁର ଭାରିଯା ଯେ ଅଟଇ ଭାନୁବତୀ ।୧ ।
ୟେହାର ତହୁଂ ଉପୁଜିଲା ପାର୍ଥିବ ନରପତି
ୟେମନ୍ତେଣ ସୋମବଂଶ ହୋଇଲା ଉତପତ୍ତି ।୨ ।
ପାର୍ଥିବର ଭାରିଯା ଚିତ୍ର ଯେ ଉତ୍‌ପଲା
ଶାୟେଂତନୁ ରାଜରଷି ୟେହାଙ୍କର ବଳା ।୩ ।
ଶାୟେଂତନୁ ମହାରାୟେ ରୁଦ୍ରଙ୍କୁ ସେବାକଲେ
ସପତ ଦ୍ୱୀପେ ସେ ୟେକାଙ୍ଗ ଚକ୍ରବ୍ରତୀ ହେଲେ ।୪ ।
ଅତିଅନ୍ତ ଭଗତି ସେ କାଶୀ ସେବା କରି
କଷା କଉପୁନି ହୋଇଲେ ମାଥେ ଜଟାଧାରୀ ।୫ ।
ସୋମେକ ରୂପେ ହର ଗୋହତ୍ୟା ଦୋଷ କଲେ
ହଟକେଶ୍ୱର ବୋଲି ପାତାଳେ କପିଳାସେ ରଞ୍ଜିଲେ ।୬ ।
ଶିବ ସେବା କରି ତହୁଂ ରହିଲେ ଶାୟେଂତନୁ
ମଞ୍ଚକୁ ନ ଆସନ୍ତି ସେ ପାତାଳ ଭୁବନୁଂ ।୭ ।
ପାତାଳେ ଥାଇଂ ସେ ମଞ୍ଚକୁ ଦ୍ୟନ୍ତି ଦୃଷ୍ଟି
ଦିବ୍ୟ ଚକ୍ଷୁରେ ଦେଖନ୍ତି ରାଜ୍ୟକୁ ପଡିଲେ ଅରଷ୍ଟି ।୮ ।
ଦଇତ ଦାନବେ ଯେବେ କରନ୍ତି ଅନୀତି
ପାତାଳେ ଥାଇଂ ସେ ନାରାଜ ବିନ୍ଧିଲେ ମଞ୍ଚେ ହୋନ୍ତି ବିନଶ୍ୟତି ।୯ ।
ୟେସନେକ ସେବା କରିଥାନ୍ତି ବିଶ୍ୱନାଥ
ସପତ ଦ୍ୱୀପା ନିଛତ୍ରୀ କରି ରାଜ୍ୟ କରନ୍ତି ୟେକଛତ୍ର ।୧୦ ।
-----
୧ ।୨ ଭାନୁବତୀ-ଭାନୁମତୀ
୩ ।୨ ଶାୟେଂତନୁ-ଶାନ୍ତନୁ

ସପତ ଦ୍ୱୀପକୁ ମନ୍ତ୍ରବଳେ ସେ ସପତ ନାରାଜ ପେଷି
ସୁଦରଶନ ଚକ୍ର ପ୍ରାୟେ ବୁଲଇ ଦିବା ନିଶି ।୧୧ ।
ବଳ ଦୁର୍ବଳ କଲେ ସେ ପକାବନ୍ତି ଶିରଛେଦି
ୟେମନ୍ତେ ସପତ ଦ୍ୱୀପ ସତ୍ୟରେ ଚଳାନ୍ତି ସ- ।ଦି ।୧୨ ।
ଆହୋ ସୋମବଂଶ ରାଜ୍ୟେ ପରଜା ଉପୁଜାଇ ଯେବଣ କୃଷି
ବାଟିକେ ଚିନାୟେ ସଂଜ୍ଞା ଦେଇ ନିଅଇ ବେନିରାଶି ।୧୩ ।
ଇନ୍ଦ୍ର ଦେବତାର ତୁଲେ ତାର ଅନେକ ଭାବେ ପୀରତି
କୃଷି ଭୂମିରେ ମେଘେ ବରଷନ୍ତି ରାତି ।୧୪ ।
ସନ୍ତାନ ଶୋଚନା ନାସ୍ତି ବ୍ରତନ୍ତି ଜନପ୍ରଜା
ୟେସନେକ ସାର୍ଥୁକ ସେ ସୋମବଂଶ ରାଜା ।୧୫ ।
ଗଙ୍ଗା ଜାତ ହୋଇଲେ ଯେ ନିର୍ଘାତର ଘରେ
ଧବଳ ରୁଚିର ବପୁ ଶୁକ୍ଳାମ୍ବର ଶରୀରେ ।୧୬ ।
ନିର୍ଘାତ ପାଳଇ ସେ ଅନାଦି ନିରଞ୍ଜନୀ
ତ୍ରୟୋଦଶ ବରଷ ଯେ ହୋଇଲା ନନ୍ଦନୀ ।୧୭ ।
ନିର୍ଘାତ ବୋଇଲା ମାଗୋ ମୁଂ କେମନ୍ତ କରିବି
କୁମାରୀ ରୂପ ହୋଇଲୁ ତୋତେ କାହାକୁ ମୁହିଂ ଦେବି ।୧୮ ।
ବଡାଇ ନିରାକୁଳୀ ତୁ ଅଟୁ ଦେବୀ ତୋୟା
ତୋତେ ଦେଖିଣ ମୁଂ କରଇ ବଡ ଭୟା ।୧୯ ।
ଗଙ୍ଗା ବୋଇଲେ ତୁ ଶୁଣସି ମୋହୋର ପିତା
ମୋହୋର ବଲ୍ଲଭ ସେ ଅଟଇ ରୁଦ୍ର ଯେ ଦେବତା ।୨୦ ।

ସେ ମୋହୋର ପ୍ରାଣନାଥ ଅଟନ୍ତି ଦେବ ଯେ ତ୍ରିଶୂଳୀ
ସେହି ସେ ସହି ପାରନ୍ତି ନା ମୋହୋର ଆର୍ଦୋଳି ।୨୧ ।
ନିର୍ଘାତ ବୋଇଲା ମାଗୋ ଶୁଣ ଧବଳାଙ୍ଗି
ବ୍ରହ୍ମହତ୍ୟା କଲା ସେ ରୁଦ୍ର ପରମ ଯୋଗୀ ।୨୨ ।
ଅନେକ ତୀର୍ଥ ସେ କଲେ ବିଶ୍ୱକାଶୀ
ପାତାଳେ ବସିଲେ ସେ ହୋଇଣ ବଡ ଦୋଷୀ ।୨୩ ।
ଗଙ୍ଗା ବୋଇଲେ ପିତା ମୁଂ ଥିବି ତୋହୋର ଘରେ
ଯେତେ କାଳେ ଆସିବେ କରିବି ବିଶ୍ୱେଶ୍ୱରେ ।୨୪-୧୮୩ ।

-------

୧୨ ।୧  ଦୁର୍ଦ୍ଧ୍ୱଂସ ଦେଖି ଯେ ତାଙ୍କୁ ପକାନ୍ତି ଶିରଛେଦି ।
୧୨ ।୨  ଯେମନ୍ତେ ସପତ ଦୀପ ଯାକ ନିଛତ୍ର କଲେ ସତ୍ୟବାଦୀ ।
୧୪ ।୨  କୃଷି ଭୂମିରେ ମେଘେ କରନ୍ତି ନିତି ବୃଷ୍ଟି ।
୧୫ ।୧  ଧନ ସନ୍ତାନ ବର୍ଦ୍ଧୁତେ  ସୁଖେ ବ୍ରତନ୍ତି ସକଳ ପ୍ରଜା ।
୧୯ ।୧  ତୋୟା-ଗଙ୍ଗାଦେବୀ